## ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**ସଜନାଗଡ଼,(ଡି.ଏନ.ଏ.):** ନୀଳଗିରି ପୋଲିସ ସୋମବାର ରାତି ପ୍ରାୟ ୮ଟା ସମୟରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି । ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନ ସିଆଡ଼ିମାଳ ପଞ୍ଚାୟତ ଅଧୀନ ବାଙ୍କିଶୁଳ ଗ୍ରାମର ଶ୍ୟାମ ସିଂ (୪୬) ରାତିରେ ଭୁଟାସିମୁଳି ପୋଲ ନିକଟରେ ନିଜର ଦେଶୀ ବନ୍ଧୁକ ରଖି ଗଞ୍ଜେଇ ଟାଣୁଥିବା ସମୟରେ ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ ଦେଖି ବନ୍ଧୁକ ସହ ଶ୍ୟାମଙ୍କୁ ଗିରଫ କରିଛନ୍ତି।

## ସଂକ୍ଷେପରେ

### ଦୁର୍ନୀତି ତଦନ୍ତ ଦାବିରେ ଧାରଣା

**ସୋର, ୨୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ବ୍ଲକ ଉପାଧକ୍ଷ ରତିକାନ୍ତ ମହାନ୍ତି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସୋମବାର ବ୍ଲକ ଉପାଧକ୍ଷ ମହାନ୍ତିଙ୍କ ନେତୃତ୍ୱରେ ଟେଣ୍ଟେଇ ପଞ୍ଚାୟତର ୱାର୍ଡସଭ୍ୟା/ସଭ୍ୟଙ୍କ ସହ ଶତାଧିକ ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

୨୦୧୩ରୁ କାର୍ଯ୍ୟରତ ଏହି ବ୍ଲକରେ ଜଣେ କର୍ମଚାରୀଙ୍କୁ ୨୦୨୦ ଡିସେମ୍ବରରେ ଅନ୍ୟତ୍ର ବଦଳି କରାଯାଇଥିଲେ ବି ଅଦ୍ୟାବଧି ତାଙ୍କୁ ରିଲିଭ୍ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଉନ୍ନୟନମୂଳକ କାର୍ଯ୍ୟରେ ୧୭ପ୍ରତିଶତରୁ ଊର୍ଦ୍ଧ୍ୱ ପିସି ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଗଣଧାରଣା ଖବର ଲେଖାହେବା ପର୍ଯ୍ୟନ୍ତ ଅବ୍ୟାହତ ରହିଛି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହି ଧାରଣାକୁ ବ୍ୟାପକ କରାଯିବ ବୋଲି ମହାନ୍ତି କହିଛନ୍ତି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

**ଢେଙ୍କିକୋଟ, ୨୧।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମୁଦ୍ରାବେଡା ଗ୍ରାମରେ ସୋମବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟ ଘଟିଛି । ମୃତକ ହେଲେ ଯୁଗଳ କିଶୋର ପଲେଇ। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଡାକ୍ତର ଖାନାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୧) ରୁଜୁ ହୋଇଛି।

### ଯାଦବ ମହାସଂଘର ୱେବିନାର

**ଖଇରା,୨୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଯାଦବ ମହାସଂଘର ଯୁବ ସଭାପତି ଇଂ ରାଜେଶ ମହାକୁଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବର ଅପରାହ୍ଣରେ କରୋନା ସଚେତନତା ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଯୁବ ଅଧକ୍ଷ ଇଂ ପ୍ରଦୀପ ବେହେରାଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ନନ୍ଦଲାଲ ସିଂ, କଟକ ସଭାପତି ସମରଜିତ ବେହେରା, ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ,ଜିଲା ସଂଯୋଜକ ଜଗନ୍ନାଥ ଦାସ, ଯୁବ ଉପସଭାପତି ଅଜୟ ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଗୁଜବରୁ ଦୂରେଇ ରହିବା ସହ କୋଭିଡ୍ ଟିକା ନେବାକୁ ଯାଦବ ସଂଘର ସଦସ୍ୟ ମାନେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ।

### ୩ ମଦ ବେପାରୀ ଗିରଫ

**ରୂପ୍‌ସା,୨୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ଅବକାରୀ ଥାନା ପକ୍ଷରୁ ସୋମବାର ଚଢ଼ାଉ ହୋଇ ୩ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମହିଳା ବୁଧୁ ମାରାଣ୍ଡି, ମନୋରଞ୍ଜନ ଜେନା ଓ ପୀରୁ ହେମ୍ବ୍ରମ। ସେମାନଙ୍କ ଠାରୁ ବିପୁଳ ପରିମାଣରେ ଚୋରା ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି।

# ଟିକାକରଣ କେନ୍ଦ୍ରରେ ଭାଜପା କର୍ମୀଙ୍କ ହୋହଲ୍ଲା

**ବାଲେଶ୍ୱର ଅଫିସ ୨୧।୬**

### ପ୍ରଧାନମନ୍ତ୍ରୀଙ୍କ ଫଟୋ ଲଗା ନ ଯିବାରୁ ପ୍ରତିବାଦ

ରାଜ୍ୟର ବିଭିନ୍ନ ସ୍ଥାନରେ ସୋମବାର ୧୮ରୁ ୪୪ ବର୍ଷ ବୟସ୍କଙ୍କ ଲାଗି ନିଃଶୁଳ୍କ ଟିକାକରଣ ଆରମ୍ଭ ହୋଇଛି। ବାଲେଶ୍ୱର ସହରସ୍ଥିତ ଗାନ୍ଧୀ ସ୍ମୃତିଭବନ ଟିକାକରଣ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲଗାଯାଇ ନ ଥିବାରୁ ଭାଜପା କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଉଦ୍‌ଘାଟନ ପୂର୍ବରୁ ଭାଜପା ନେତ୍ରୀମାନେ ରିବନ ଛିଣ୍ଡାଇ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲାଗିଥିବା ବୋର୍ଡ଼ ଆଣି ଲଗାଇଥିଲେ।

ସେମାନେ ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ଲୋକମାନଙ୍କୁ ଟିକା ଯୋଗାଇବାରେ ବିଫଳ ହୋଇଥିବା ବେଳେ କେନ୍ଦ୍ର ସରକାର ମାଗଣାରେ ଲୋକମାନଙ୍କ ପାଇଁ ଟିକା ବ୍ୟବସ୍ଥା କରିଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ପ୍ରଶାସନ କେନ୍ଦ୍ର ସରକାରଙ୍କୁ ଉପେକ୍ଷା କରୁଛି ବୋଲି ଭାଜପାର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ସେଠାରେ ଉପସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ଭାଜପା କର୍ମକର୍ତ୍ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ପ୍ରଧାନମନ୍ତ୍ରୀଙ୍କ ହୋର୍ଡିଂ ଲଗାଇବା ପରେ ଶାନ୍ତ ପଡିଥିଲେ। ପରେ ଏହି କେନ୍ଦ୍ରକୁ ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଟିକାକରଣ ସହାୟତା କେନ୍ଦ୍ରର ଜିଲା ସଂଯୋଜକ ଶୁଭଙ୍କର ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଟିକାକରଣ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲଗାଯାଉଛି।

# ମୋବାଇଲ ହ୍ୟାକ୍ କରି ଆକାଉଣ୍ଟରୁ ନେଇଗଲେ ୧ଲକ୍ଷ ୫୨ ହଜାର

**ବଡବିଲ, ୨୧।୬(ସ୍ୱ.ପ୍ର)**

### ଇ-ମେଲ୍‌ରେ ଧମକ, ଥାନାରେ ମାମଲା

କେନ୍ଦୁଝର ଜିଲା ବଡବିଲ ପୌରପାଳିକାର ପୂର୍ବତନ ଅଧକ୍ଷା ଯାତ୍ରୀ ନାଏକ ଏବଂ ତାଙ୍କ ସ୍ୱାମୀ ତଥା ଭାଜପାର ପୂର୍ବତନ ବଡବିଲ ମଣ୍ଡଳ ସଭାପତି ନୀଳମଣି ମହାନ୍ତଙ୍କ ମୋବାଇଲ ହ୍ୟାକ କରି ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଠକି ନେଇଛନ୍ତି। ଏହାସହ ସମ୍ପୃକ୍ତ ହ୍ୟାକର ଇ-ମେଲରେ ବାରମ୍ବାର ଧମକ ପୂର୍ଣ୍ଣ ବାର୍ତ୍ତା ପଠାଉଥିବା ନୀଳମଣି ବଡବିଲ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ଯାତ୍ରୀଙ୍କର ଦୁଇଟି ବ୍ୟାଙ୍କ ଆକାଉଣ୍ଟ ଏବଂ ନୀଳମଣିଙ୍କ ଗୋଟିଏ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୧ଲକ୍ଷ୫୨ ହଜାର ଟଙ୍କା ହଠାତ ଗାଏବ ହୋଇଯାଇଥିଲା। ତେବେ କୋଣସି ମୋବାଇଲକୁ ମେସେଜ ଆସି ନ ଥିବାରୁ ଏ ସମ୍ପର୍କରେ ଉଭୟ କିଛି ଜାଣିପାରି ନ ଥିଲେ। ଶୁକ୍ରବାର କୌଣସି ଏକ ପେମେଣ୍ଟ ସମୟରେ ଆକାଉଣ୍ଟରେ ପର୍ଯ୍ୟାପ୍ତ ନଗଦ ରାଶି ନ ଥିବା ନୀଳମଣି ଜାଣିବାକୁ ପାଇଥିଲେ। ଏ ନେଇ ନୀଳମଣି ବ୍ୟାଙ୍କକୁ ଯାଇ ବୁଝିବାରୁ ଗୁଗୁଲ ପେ’ ଏବଂ ଫୋନ ପେ’ ଯୋଗେ ଏହି ଟଙ୍କା ଯାଇଥିବା ଜଣାପଡିଥିଲା। ତୁରନ୍ତ ସେ ଆକାଉଣ୍ଟ ଗୁଡିକରୁ ଟଙ୍କା ଉଠାଣ ବନ୍ଦ କରିବା ନିମନ୍ତେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ୧୯ ତାରିଖରେ ବଡବିଲ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପରେ ବ୍ୟାଙ୍କ ଆକାଉଣ୍ଟ ଗୁଡିକୁ ବନ୍ଦ କରି ନୂତନ ଆକାଉଣ୍ଟ ଖୋଲିଥିଲେ। ନୀଳମଣି ବ୍ୟାଙ୍କରେ ଆକାଉଣ୍ଟ ବନ୍ଦ କରିବା, ନୂତନ ଆକାଉଣ୍ଟ ଖୋଲିବା ନେଇ ହ୍ୟାକର ଜଣକ ଏକ ମେଲରୁ ନୀଳମଣି ଓ ଯାତ୍ରୀଙ୍କ ମେଲକୁ ବାରମ୍ବାର ଧମକପୂର୍ଣ୍ଣ ବାର୍ତ୍ତା ପଠାଇଥିଲେ। ଏ ନେଇ ବଡବିଲ ପୋଲିସ ଏକ ମାମଲା (ନଂ.୧୦୨/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ‘ଜଟିଳ ରୋଗରୁ ମୁକ୍ତି ଦିଏ ଯୋଗ’




ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଯୋଗ କରୁଛନ୍ତି। ବାଲେଶ୍ୱର ଭାଜପା କାର୍ଯ୍ୟାଳୟରେ ଯୋଗ ଦିବସ ପାଳନ କରାଯାଉଛି।

**ବାଲେଶ୍ୱର ଅଫିସ, ୨୧।୬**

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ସୋମବାର ସପ୍ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦିଲ୍ଲୀସ୍ଥିତ ବାସଭବନରେ ଯୋଗ ଦିବସ ପାଳନ କରି କେବଳ ଜୀବନକୁ ନିରାମୟ କରେ ନାହିଁ, ଅନେକ ଜଟିଳ ରୋଗରୁ ବି ମୁକ୍ତି ଦିଏ। ସମସ୍ତଙ୍କୁ ପ୍ରତ୍ୟହ ଯୋଗ ପ୍ରାଣାୟମ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଶିବିରକୁ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ଭାବେ ପୂର୍ବତନ ଜିଲାସଭାପତି ଲମ୍ବୋଧର ନାୟକ ପ୍ରଶିକ୍ଷଣ ଦେଇ ପ୍ରାଣାୟମ, ସରଳିକୃତ ଯୋଗ ଶିକ୍ଷା ସହିତ ଏହାର ଉପକାରିତା ବିଷୟରେ ବୁଝାଇଥିଲେ। ଅନ୍ୟପକ୍ଷରେ ଭାଜପା ସଦର କାର୍ଯ୍ୟାଳୟରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳନ କରାଯାଇଥିଲା। ସେହିପରି ଫକୀରମୋହନ ଗୋଲେଇ ତ ଜିଲା ମୁଖ୍ୟ ଡାକଘର ପରିସରରେ ଜିଲା ଡାକମଣ୍ଡଳର ଅଧୀକ୍ଷକ ଜୟନ୍ତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଛି। ଡାକବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଯୋଗାଭ୍ୟାସ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡାକଘର ପରିସରରେ ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ। ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଉପଲବ୍ଧ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଯୋଗକୁ ଜୀବନଚର୍ଯ୍ୟାରେ ଅଙ୍ଗୀକାରବଦ୍ଧ କରିବାକୁ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ।

## ଧାନ ଟ୍ରକରୁ ଖସି ଯୁବକଙ୍କ ମୃତ୍ୟୁ

**ଜଳେଶ୍ୱର, ୨୧।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅଧୀନ କଳମା ସେବା ସମବାୟ ସମିତିରେ ଟ୍ରକ୍‌ରେ ଧାନ ବୋଝେଇ କରୁଥିବା ବେଳେ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳମା ଗ୍ରାମର ଖୋକନ ବେହେରା(୩୨)। ଖୋକନ ମଣ୍ଡିରେ ଟ୍ରକରେ ଧାନ ଲୋଡିଂ କରୁଥିବା ବେଳେ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସେ ତଳେ ପଡିଯାଇଥିଲେ। ଧାନବସ୍ତାଗୁଡିକ ତାଙ୍କ ଉପରେ ପଡିଯିବାରୁ ସେ ଚାପି ହୋଇଯାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୧୮-୪୪ ବର୍ଷ କୋଭିଡ୍ ଟିକାକରଣ ଆରମ୍ଭ

**ଚମ୍ପୁଆ, ୨୧।୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସୋମବାରଠୁ ୧୮ରୁ ୪୪ବର୍ଷିୟ ଲୋକଙ୍କ ପାଇଁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।ଏଥିରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ଓ ଡାକ୍ତର ସୁନାରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ଚିକିତ୍ସାଳୟର ଟିକାକରଣ କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅନଲାଇନରେ ୨୦୦ ଟିକାକରଣ ବ୍ୟବସ୍ଥା ରହିଥିବା ବେଳେ ଅଫଲାଇନରେ ୧୦୦ ଜଣଙ୍କ ପାଇଁ ଟୀକା ବ୍ୟବସ୍ଥା ରହିଛି। ସ୍ଥାନୀୟ ଅଞ୍ଚଳ ସମେତ ମୟୂରଭଞ୍ଜ ଆଦି ଅଞ୍ଚଳରୁ ଲୋକମାନେ ଏହି ଟୀକା ନେବା ପାଇଁ ଚିକିତ୍ସାଳୟରେ ଲମ୍ବା ଲାଇନରେ ଥିବା ଦେଖିବାକୁ ମିଳିଥିଲା। ସକାଳ ବେଳା ଓ ଅପରାହ୍ନ ଦୁଇଟି ସମୟରେ ଏହି ଟିକାକରଣ କାର୍ଯ୍ୟକ୍ରମ ଜାରି ରହିବ।

# ଚୋରା ଲୁହାପଥର ଗୁଣ୍ଡ ସହ ଟ୍ରକ୍ ଜବତ

**କେନ୍ଦୁଝର,୨୧।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଚୋରା ଲୁହାପଥର କାରବାର ଥମୁନାହିଁ। ବନ ବିଭାଗ ସୋମବାର ସଦର ଓ ଘଟଗାଁ ରେଞ୍ଜ୍ ଅଞ୍ଚଳରୁ ପୃଥକ ପୃଥକ ଦୁଇଟି ସ୍ଥାନରୁ ବହୁ ପରିମାଣରେ ଚୋରା ଲୁହାପଥର ଗୁଣ୍ଡ ଜବତ କରିବା ସହ ଏକ ଟ୍ରକ୍ ଜବତ କରିଛି। ଜବତ ଗୁଣ୍ଡକୁ ଖଣି ବିଭାଗକୁ ହସ୍ତାନ୍ତର କରି ବନ ବିଭାଗ ଏହାର ଅଧିକ ତଦନ୍ତ କରୁଛି।

ପ୍ରକାଶ ଯେ, ସଦର ରେଞ୍ଜ ଅନ୍ତର୍ଗତ ଟାଙ୍ଗରାଣୀ ସଂରକ୍ଷିତ ଜଙ୍ଗଲର ଆହାରପଶି ଗ୍ରାମ ନିକଟରୁ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟ୍ରକ (ଡବ୍ଲୁବି/ ୩୭ସି-୭୨୦୯) ଜବତ କରିଛି । ଦୀର୍ଘ ବହୁ ବର୍ଷ ଧରି ବନ୍ଦ ରହିଥିବା ଡିବି ମିନେରାଲ୍ସ ନାମକ ଏକ କ୍ରସର ୟୁନିଟରୁ ଏହି ଟ୍ରକ୍‌ଟି ଚୋରା ଲୁହାପଥର ଲୋଡ କରି ଚାଲାଣ କରୁଥିବା ବେଳେ ମାଟିକାଦୁଅରେ ଫସି ଯାଇଥିଲା। ଏନେଇ ଖବର ପାଇ ଚମ୍ପୁଆ ବନ ବିଭାଗ ଅଧିକାରୀ ପହଞ୍ଚି ଉକ୍ତ ଟ୍ରକ ଜବତ କରିବା ସହ ଲୁହାପଥର ଗୁଣ୍ଡକୁ ଖଣି ବିଭାଗକୁ ହସ୍ତାନ୍ତର କରିଛି। ଉକ୍ତ ସ୍ଥାନରେ ଜମା ହୋଇଥିବା ଲୁହାପଥର ଗୁଣ୍ଡ କୁ ଖଣି ବିଭାଗ ଜବତ କରି ସେଠାରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଦକ୍ଷେପ ନେଇଛି। ସେହିପରି ଘଟଗାଁ ରେଞ୍ଜ ଅନ୍ତର୍ଗତ ମେଲାଣ ଗ୍ରାମ ନିକଟରେ ଏନ୍‌ଏଚ୍ ୨୦ ନିକଟରେ ଏକ ଘରୋଇ ଜମିରେ ବହୁ ପରିମାଣରେ ଜମା ହୋଇଥିବା ଲୁହାପଥର ଗୁଣ୍ଡକୁ ବନ ବିଭାଗ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଛି। ଏହା କେଉଁଠୁ ଆସିଲା ଏବଂ କିଏ ଏଠାରେ ରଖି ଚାଲାଣ କରୁଥିଲା ତାହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଏନେଇ କେନ୍ଦୁଝର ଡିଏଫଓ ସ୍ୱୟମ ମଲ୍ଲିକ କହିଛନ୍ତି, ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି। କେନ୍ଦୁଝର ଖଣି ଅଧିକାରୀ ଅସିତ ବେହେରା କହିଛନ୍ତି ଯେ ବନ ବିଭାଗ ଜବତ କରି ଲୁହାପଥର ଗୁଣ୍ଡ ହସ୍ତାନ୍ତର କରିଛି । ଏହାର ପରିମାଣ ଓ ମୂଲ୍ୟ ଆକଳନ କରାଯାଉଛି। ଏହା କେଉଁଠୁ ଆସିଲା ଓ କିଏ କାରବାର କରୁଥିଲା ତାହା ତଦନ୍ତ ପରେ ଜଣାପଡିବ।



ଟାଙ୍ଗରାଣୀ ସଂରକ୍ଷିତ ଜଙ୍ଗଲରେ ଲୁହାପଥର ଗୁଣ୍ଡ ଗଦା ହୋଇଛି।

# ଧାନମଣ୍ଡିରେ ଧାରଣା ଦେଲେ ଚାଷୀ

**ଜଳେଶ୍ୱର, ୨୧।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଥିବା ୧୯ଟି ସେବା ସମବାୟ ସମିତିରେ ଧାନକିଣାକୁ କେନ୍ଦ୍ର କରି ଚାଷୀ ଅସନ୍ତୋଷ ଲାଗି ରହିଛି। ପୂର୍ବ ସୂଚନା ଅନୁଯାୟୀ ସୋମବାର ଲକ୍ଷ୍ମଣନାଥ ସେବା ସମବାୟ ସମିତିର ଚାଷୀମାନେ ଧାନ ମଣ୍ଡିରେ ସକାଳ ୧୦ଟାରୁ ଅନଶନରେ ବସିଛନ୍ତି । ୟାସ୍ ବାତ୍ୟା ଯୋଗୁ ଧାନ ବିକ୍ରି କରିପାରି ନ ଥିବା ଚାଷୀଙ୍କ ଲାପ୍ସ ହୋଇଥିବା ଟୋକନ୍‌କୁ କାର୍ଯ୍ୟକ୍ଷମ କରାଯିବା, ସମସ୍ତ ଚାଷୀଙ୍କୁ ଟୋକନ୍ ଯୋଗାଇବା, ଅଖାର ମୂଲ୍ୟ ପ୍ରଦାନ କରାଯିବା, ଟୋକନ୍‌ର ସମୟସୀମା ୧୨ଦିନ ପରିବର୍ତ୍ତେ ୧ମାସ କରାଯିବା, କଟ୍‌ନୀଛଟ୍‌ନୀ ବନ୍ଦ କରାଯିବା, ଉତ୍ପାଦନର ୩୦ଶତକଡା ପରିବର୍ତ୍ତେ ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନକୁ କ୍ରୟ କରାଯିବା ଦାବି ନେଇ ଚାଷୀମାନେ ଅନଶନରେ ବସିଛନ୍ତି । ସୁଦାମ ପାତ୍ର, ନିତ୍ୟାନନ୍ଦ ଗିରି, ଲକ୍ଷ୍ମୀଧର ଗିରି, ରବୀନ୍ଦ୍ର ପାତ୍ର, ନରୋତ୍ତମ ଗିରି, ଗୋପୀନାଥ ଜେନା, କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଚାଷୀ ଅନଶନରେ ବସିଥିବା ବେଳେ ଜଳେଶ୍ୱର ଏମ୍‌ଆଇ ସାଗରିକା ରାଉତରାୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଆଲୋଚନା ବିଫଳ ହେଲେ ଚାଷୀମାନେ ଆତ୍ମାହୁତି ଦେବେ ବୋଲି ପ୍ରଶାସନକୁ ରୋକଠୋକ୍ କହିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜଣାଯାଇଛି ।

## ଟେଣ୍ଡରଧାରୀଙ୍କ ଡିଡି ଚିରି ଅଡୁଆରେ ନେତା

**ପାଟଣା,୨୧।୬(ସ୍ୱ. ପ୍ର.):** ସାହାରପଡା ବ୍ଲକ କାର୍ଯ୍ୟାଳୟରେ ସୋମବାର ବିଜେଡିର ଜଣେ ନେତା ବ୍ଲକ କାର୍ଯ୍ୟାଳୟ ପରିସରରେ ଟେଣ୍ଡରଧାରୀଙ୍କ ୧୧ଟି ଡିଡି ଚିରି ଅଡୁଆରେ ପଡ଼ିଛନ୍ତି। ଓଏମ୍‌ବିଏଡିସି ଯୋଜନାରେ ଆସିଥିବା ୪୭ଟି ସ୍କୁଲ ଘର ଓ ପାଚେରୀ ପାଇଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡରର ସୋମବାର ଶେଷ ଦିନ ଥିଲା। ମୁଖ୍ୟ କିରାଣୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ସାହାରପଡା ବିଡିଓ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସାହାରପଡା ପୋଲିସ ସମ୍ପୃକ୍ତ ନେତାଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ନୀଳରକ୍ତ କଙ୍କଡ଼ା ସୁରକ୍ଷା ଲାଗି ସଚେତନତା

**ବାଲେଶ୍ୱର ଅଫିସ,୨୧।୬**

### ପାଠ୍ୟକ୍ରମରେ ସାମିଲ ଦାବି

ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଦିବସ ଅବସରରେ ସୋମବାର ବାଲେଶ୍ୱର ରେଳଷ୍ଟେଶନ ନିକଟରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ‘ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ’ ତରଫରୁ ସଦସ୍ୟମାନେ ସମାଜ ପାଇଁ ନୀଳରକ୍ତ କଙ୍କଡ଼ାର ବହୁ ଉପାଦେୟତା ସମ୍ପର୍କରେ ପ୍ଲାକାର୍ଡ଼ ଧରି ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱରରେ ନୀଳରକ୍ତ କଙ୍କଡ଼ା ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବଙ୍କ ଉପରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ ବିଦ୍ୟାଳୟର ପାଠ୍ୟକ୍ରମରେ ନୀଳରକ୍ତ କଙ୍କଡ଼ାର ଉପାଦେୟତା ବିଷୟରେ ଶିକ୍ଷାଦାନ ପାଇଁ ମଞ୍ଚ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି।

ଆମେରିକା, ଚୀନ୍, ଥାଇଲାଣ୍ଡ୍ ଆଦି ଦେଶରେ ନୀଳରକ୍ତ କଙ୍କଡ଼ାରୁ ମାନବ ସମାଜ ପାଇଁ ଅନେକ ଜୀବନରକ୍ଷାକାରୀ ଔଷଧ ପ୍ରସ୍ତୁତ ହୋଇପାରୁଛି। ବଙ୍ଗୋପସାଗରର ଅବିଭକ୍ତ ବାଲେଶ୍ୱର ଜିଲା ଉପକୂଳରେ ଏହି କଙ୍କଡ଼ା ପ୍ରଚୁର ପରିମାଣରେ ଦେଖିବାକୁମିଳେ। ମତ୍ସ୍ୟଜୀବୀ ଓ ଉପକୂଳ ଅଞ୍ଚଳର ବାସିନ୍ଦାମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ନୀଳରକ୍ତ କଙ୍କଡ଼ା ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ ଉଦ୍ୟମ ନିମିତ୍ତ ମଞ୍ଚ ତରଫରୁ ନିବେଦନ କରାଯାଇଛି। ସଚେତନତା କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଲକ୍ଷ୍ମୀଧର ବେହେରା, ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ଶିଳ୍ପୀ କେଶୁ ଦାସ, ସୀତାରାମ ପ୍ରଧାନ, ପ୍ରବୀର କମିଲା, ଆୟୁବ ଅଲ୍ଲୀ ଖାଁ, ଗଗନ କୁମାର ସେଠୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ନିରଞ୍ଜନ ପରିଡ଼ା, ଇଂ. କୁମାର କାର୍ତ୍ତିକ, ସନାତନ ଗୁଡୁ ଓ କୃତିବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ନୀଳରକ୍ତ କଙ୍କଡ଼ା ସୁରକ୍ଷା ନେଇ ସଚେତନତା କରାଯାଉଛି।

# ଶ୍ରୀଜୀଉଙ୍କ ପଟିଦିଅଁ ଅଙ୍କନ ଆରମ୍ଭ

**ବାଲେଶ୍ୱର ଅଫିସ, ୨୧।୬**




ପଟିଦିଅଁ ଅଙ୍କନ ଉତ୍ସବରେ ଉପସ୍ଥିତ ଚିତ୍ରକରମାନେ।

- ତିନି ପଟିରେ ଲାଗିଲା ରଙ୍ଗ
- ସ୍ନାନ ପୂର୍ଣ୍ଣିମା ଅପରାହ୍ଣରେ ମନ୍ଦିର ବିଜେ

ବାଲେଶ୍ୱରୀ କଳା କେନ୍ଦ୍ର ଓ ବିଶ୍ୱ ଓଡ଼ିଶା କଳା ପରିଷଦର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପଟିଦିଅଁ ଅଙ୍କନ ଉତ୍ସବ ନିର୍ଜଳା ଏକାଦଶୀ ତିଥି ଅବସରରେ ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ସୋମବାର ଆରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗନ୍ନାଥ ପ୍ରେମୀ ଡ. କୁମାର ଗୋପାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପରିଚାଳକ ମନୋରଞ୍ଜନ ସାହୁ ଓ ପୂଜକ ଲକ୍ଷ୍ମୀନାରାୟଣ ପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଚଳିତବର୍ଷ ଜଗନ୍ନାଥଙ୍କ (ଅନନ୍ତ ନାରାୟଣ) ସ୍ୱୀକୃତିପ୍ରାପ୍ତ ଚିତ୍ରକର ଶିଳ୍ପୀ କେଶୁଦାସ, ବଳଭଦ୍ରଙ୍କ (ଅନନ୍ତ ବାସୁଦେବ) ସ୍ୱୀକୃତିପ୍ରାପ୍ତ ଚିତ୍ରକର ଅରୁଣ କୁମାର ବାରିକ ଓ ସୁଭଦ୍ରାଙ୍କ (ଭୂବନେଶ୍ୱରୀ) ସ୍ୱୀକୃତିପ୍ରାପ୍ତ ଚିତ୍ରକର ପ୍ରୀତମ ନାୟକଙ୍କ ସହ ଧନଞ୍ଜୟ ଧଳ, ରୂପକ ଦାସ, ପ୍ରବୀର ପାତ୍ର, ଅଙ୍କିତ ଦାସ, ଦେବାଶିଷ ପତି, ହିମାଂଶୁ ବଇଠା, ମନୀଷ ମହାପାତ୍ର ଓ ଗୌତମ ସିଂ ପ୍ରମୁଖ ଯୋଗ ଦେଇଥିଲେ ।

ଚଳିତବର୍ଷ କୋଭିଡ ନିୟମ ପାଳନ କରାଯାଇ ବାଲେଶ୍ୱରର ନୀଳଗିରି ଜଗନ୍ନାଥ ମନ୍ଦିର, ଶାସଙ୍ଗର ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବାଣ୍ଟିଆ ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ୍ ଶ୍ରୀଜଗନ୍ନାଥ ମନ୍ଦିର, ଜୟଦେବ କସବାର ଜଗନ୍ନାଥ ମନ୍ଦିର, ମଙ୍ଗଳପୁର ଜଗନ୍ନାଥ ମନ୍ଦିର, ଦୁବଲାଗଡ଼ିର ପତିତପାବନ ଶ୍ରୀଜଗନ୍ନାଥ ଓ ଗଣେଶ୍ୱରପୁରର କାଳିଆଛୁଆ ଶ୍ରୀଜଗନ୍ନାଥଙ୍କର ଯଥାବିଧି ଅନୁଯାୟୀ ପଟିଦିଅଁରେ ରଙ୍ଗ ଦିଆଯାଇଥିଲା। ଗତ ରବିବାର ଦଶମୀ ତିଥି ଅବସରରେ ଅଧିବାସ ଦିବସରେ ଚିତ୍ରକରମାନେ ପଟି ଓ ରଙ୍ଗ ପ୍ରସ୍ତୁତ କରିଥିଲେ। ଆସନ୍ତା ଜୁନ୍ ୨୪ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିବସବ୍ୟାପୀ ମନ୍ଦିର ପରିସରରେ ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ଚାଲୁ ରହିବ। ଦେବସ୍ନାନ ପୂର୍ଣ୍ଣିମାରେ ସମସ୍ତ ଜଗନ୍ନାଥ ମନ୍ଦିରରୁ ବଡ଼ପଣ୍ଡାମାନେ ଆଜ୍ଞାମାଳ ସହ ତୂରୀଭେରୀ, ଖୋଳ କରତାଳ ଧରି ଆସି ପଟିଦିଅଁଙ୍କୁ ବିଜେ କରି ନେଇଯିବେ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଏକ ଅନନ୍ୟ ପରମ୍ପରା ତଥା ଉତ୍କଳୀୟ ଚିତ୍ରକଳା ଓ ଚିତ୍ରକରଙ୍କର ନିଆରା ପର୍ବକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବାଲେଶ୍ୱରର ବାଲେଶ୍ୱରୀ କଳାକେନ୍ଦ୍ର ଓ ନୋସି କଲଚରାଲ ଏକାଡେମୀର ମିଳିତ ସହଯୋଗରେ ବାଲେଶ୍ୱରରେ ପ୍ରଥମ କରି ଗତ ୨୦୧୫ ଶ୍ରୀଜଗନ୍ନାଥଙ୍କ ନବକଳେବର ବର୍ଷ ବାମପଦାସ୍ଥ ନୋସି ବିଜନେସ୍ ପାର୍କସ୍ଥିତ ଉତ୍କଳ ଶିଳ୍ପଗ୍ରାମରେ ଆରମ୍ଭ ହୋଇଥିଲା ପଟିଦିଅଁ ଅଙ୍କନ ଉତ୍ସବ। ଏଠାରେ ପୁରୀ ଶ୍ରୀମନ୍ଦିରର ରୀତିନୀତି, ବିଧି ଓ ପରମ୍ପରାକୁ ଅନୁସରଣ କରି କାର୍ଯ୍ୟ ସମାପନ ପାଇଁ ପ୍ରୟାସ କରାଯାଉଛି।

